# ଓଡ଼ିଶା ସରକାର
## ଅର୍ଥ ବିଭାଗ

*****

ସଂଖ୍ୟା ୨୭୩୩୪ /ଅ
FIN-CS2-LV-0015-2024

ତା ୨୬.୦୯.୨୦୨୪ ରିଖ

## କାର୍ଯ୍ୟାଳୟ ସ୍ମାରକ

ବିଷୟ :-ଉଧାର ମାତୃତ୍ୱ (surrogacy) କ୍ଷେତ୍ରରେ ରାଜ୍ୟ ସରକାରୀ କର୍ମଚାରୀ ଙ୍କୁ ମାତୃତ୍ୱ (Maternity Leave) ଏବଂ ପିତୃତ୍ୱ ଛୁଟି (Paternity Leave) ପ୍ରଦାନ

ରାଜ୍ୟ ସରକାର ଅର୍ଥ ବିଭାଗ କାର୍ଯ୍ୟାଳୟ ସ୍ମାରକ ସଂଖ୍ୟା ୫୧୮୫୬ ତା ୦୭.୧୨.୨୦୧୧ ଏବଂ ସଂଖ୍ୟା ୫୧୮୬୧ ତା ୦୭.୧୨.୨୦୧୧ ଅନୁଯାୟୀ ଯଥାକ୍ରମେ ମହିଳା ସରକାରୀ କର୍ମଚାରୀଙ୍କୁ ୧୮୦ ଦିନର ମାତୃତ୍ୱ ଛୁଟି (Maternity Leave) ଏବଂ ପୁରୁଷ ସରକାରୀ କର୍ମଚାରୀଙ୍କୁ ୧୫ ଦିନର ପିତୃତ୍ୱ ଛୁଟି (Paternity Leave) ଲାଭ କରିବାର ସୁବିଧା ପ୍ରଦାନ କରିଛନ୍ତି ।

୨. ଉଧାର ମାତୃତ୍ୱ (surrogacy) ଦ୍ୱାରା ମାତୃତ୍ୱ ଏବଂ ପିତୃତ୍ୱ ପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ଙ୍କୁ ମାତୃତ୍ୱ ଏବଂ ପିତୃତ୍ୱ ଛୁଟି ପ୍ରଦାନ ପ୍ରସ୍ତାବ କିଛି ସମୟ ଧରି ରାଜ୍ୟ ସରକାରଙ୍କ ବିଚାରାଧୀନ ଥିଲା ।

୩. କେନ୍ଦ୍ର ସରକାର, ଇତି ମଧ୍ୟରେ, କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ଅଧିସୂଚନା ସଂଖ୍ୟା G.S.R.331(E) ତା ୧୮.୦୬.୨୦୨୪ ରିଖ ଅନୁଯାୟୀ, ଉଧାର ମାତୃତ୍ୱ (surrogacy) ଦ୍ୱାରା ମାତୃତ୍ୱ ଏବଂ ପିତୃତ୍ୱ ପ୍ରାପ୍ତି କରୁଥିବା କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ମାତୃତ୍ୱ ଏବଂ ପିତୃତ୍ୱ ଛୁଟି ଲାଭ କରିବାର ସୁବିଧା ପ୍ରଦାନ କରିଛନ୍ତି ।

୪. ଏହାକୁ ଦୃଷ୍ଟିରେ ରଖି, ବର୍ତ୍ତମାନ ରାଜ୍ୟ ସରକାର, ଉଧାର ମାତୃତ୍ୱ (surrogacy) ଦ୍ୱାରା ମାତୃତ୍ୱ ଏବଂ ପିତୃତ୍ୱ ପ୍ରାପ୍ତି କରୁଥିବା ରାଜ୍ୟ ସରକାରୀ କର୍ମଚାରୀଙ୍କୁ ମାତୃତ୍ୱ ଏବଂ ପିତୃତ୍ୱ ଛୁଟି ଲାଭ କରିବାର ସୁବିଧା ନିମ୍ନ ମତେ ପ୍ରଦାନ କରୁଛନ୍ତି :-

କ ) ଜଣେ ରାଜ୍ୟ ସରକାରୀ ମହିଳା କର୍ମଚାରୀ, ଯିଏ ଦୁଇରୁ କମ୍ ଜୀବିତ ସନ୍ତାନ ଥାଇ 'ସରୋଗେଟ ମାତା' (Surrogate Mother) ହୁଅନ୍ତି, ସେ ୧୮୦ ଦିନର ମାତୃତ୍ୱ ଛୁଟି ଲାଭ କରିବାକୁ ଯୋଗ୍ୟ ବିବେଚିତ ହେବେ । [ 'ସରୋଗେଟ ମାତା' (Surrogate Mother) ଅର୍ଥାତ୍ ଜଣେ ମହିଳା ଯିଏ ଉଧାର ମାତୃତ୍ୱ (surrogacy) ମାଧ୍ୟମରେ ନିଜ ଗର୍ଭରେ ଭ୍ରୁଣର ପ୍ରତିରୋପଣରୁ ଏକ ସନ୍ତାନ (ଯିଏ ବଂଶଗତ ଭାବରେ ଅଭିଳାଷୀ ଦମ୍ପତି କିମ୍ବା ଅଭିଳାଷୀ ମାତାଙ୍କ ସହ ସମ୍ପର୍କିତ ) ପ୍ରସବ କରିବାକୁ ରାଜି ହୁଅନ୍ତି ଏବଂ ସରୋଗେସି (ନିୟମାବଳୀ) ଅଧିନିୟମ, 2021 ର ଧାରା 4 ର ଖଣ୍ଡ (iii) ର ଉପ-ଖଣ୍ଡ (b) ରେ ଦିଆଯାଇଥିବା ସର୍ତ୍ତଗୁଡିକ ପୂରଣ କରନ୍ତି । ]

ଖ ) ଜଣେ ରାଜ୍ୟ ସରକାରୀ ମହିଳା କର୍ମଚାରୀ, ଯିଏ ଦୁଇରୁ କମ୍ ଜୀବିତ ସନ୍ତାନ ଥାଇ 'ଅଧିଷ୍ଠାତା ମାତା' (Commissioning Mother) ହୁଅନ୍ତି, ସେ ୧୮୦ ଦିନର ମାତୃତ୍ୱ ଛୁଟି ଲାଭ କରିବାକୁ ଯୋଗ୍ୟ ବିବେଚିତ ହେବେ । ['ଅଧିଷ୍ଠାତା ମାତା' (Commissioning Mother) ଅର୍ଥାତ୍ ଜଣେ ଜୈବିକ ମାତା ଯିଏ ଅନ୍ୟ ଜଣେ ମହିଳାଙ୍କ ଗର୍ଭରେ ଭ୍ରୁଣ ପ୍ରତିରୋପଣ କରିବା ପାଇଁ ନିଜ ଡିମ୍ବାଣୁ ବ୍ୟବହାର କରନ୍ତି । ]

କ୍ରମଶଃ ...

ଗ) ଜଣେ ରାଜ୍ୟ ସରକାରୀ ପୁରୁଷ କର୍ମଚାରୀ, ଯିଏ ଦୁଇରୁ କମ୍ ଜୀବିତ ସନ୍ତାନ ଥାଇ 'ଅଧିଷ୍ଠାତା ପିତା' (Commissioning Father) ହୁଅନ୍ତି, ସେ ସନ୍ତାନ ଜନ୍ମ ତାରିଖରୁ ୬ ମାସ ମଧ୍ୟରେ ୧୫ ଦିନର ପିତୃତ୍ୱ ଛୁଟି ଲାଭ କରିବାକୁ ଯୋଗ୍ୟ ବିବେଚିତ ହେବେ । [ 'ଅଧିଷ୍ଠାତା ପିତା' (Commissioning Father) ଅର୍ଥାତ୍ ଉଧାର ମାତୃତ୍ୱ (surrogacy) ମାଧ୍ୟମରେ ଜନ୍ମିତ ସନ୍ତାନର ଜୈବିକ ପିତା । ]

ଦ୍ରଷ୍ଟବ୍ୟ –କ : ଉପରୋକ୍ତ ମତେ ଯଦି ଉଭୟ ସରୋଗେଟ୍ ମାତା (Surrogate Mother) ଏବଂ ଅଧିଷ୍ଠାତା ମାତା (Commissioning Mother) ରାଜ୍ୟ ସରକାରୀ କର୍ମଚାରୀ ଅଟନ୍ତି, ତେବେ ଉଭୟ ୧୮୦ ଦିନର ମାତୃତ୍ୱ ଛୁଟି ଲାଭ କରିବାକୁ ଯୋଗ୍ୟ ବିବେଚିତ ହେବେ ।

ଦ୍ରଷ୍ଟବ୍ୟ –ଖ : ମାତୃତ୍ୱ ତଥା ପିତୃତ୍ୱ ଛୁଟି ସୁବିଧା ଲାଭ କରିବା ପାଇଁ ସରୋଗେଟ୍ ମାତା (Surrogate Mother) ଏବଂ ଅଧିଷ୍ଠାତା ମାତାପିତାଙ୍କ (Commissioning Parents) ମଧ୍ୟରେ ଉଧାର ମାତୃତ୍ୱ (surrogacy) ଉପରେ ହୋଇଥିବା ରାଜିନାମା ସହିତ ପଞ୍ଜୀକୃତ ଡାକ୍ତର / ଡାକ୍ତରଖାନାରୁ ପ୍ରାପ୍ତ ଚିକିତ୍ସା ସମ୍ବନ୍ଧିତ ଦସ୍ତାବିଜ ପେଶ୍ କରାଯିବ |

ଏହି କାର୍ଯ୍ୟାଳୟ ସ୍ମାରକପତ୍ରଟି ନିର୍ଗମନ ତାରିଖ ଠାରୁ କାର୍ଯ୍ୟକାରୀ ହେବ |

ରାଜ୍ୟପାଳଙ୍କ ଆଦେଶ କ୍ରମେ

25.07.2024

(ଶାଶ୍ୱତ ମିଶ୍ର)

ପ୍ରମୁଖ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୨୭୩୩୫ /ଅ ତା ୨୫.୦୯.୨୦୨୪ ରିଖ

ଏହାର ଏକକିତା ନକଲ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ / ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ / ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ / ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ / ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ ଙ୍କ ବ୍ୟକ୍ତିଗତ ସଚିବ / ପ୍ରଧାନ ମହାଲେଖାପାଳ (A & E), ଓଡ଼ିଶା / ମହାଲେଖାପାଳ (Audit), ଓଡ଼ିଶା, ଭୁବନେଶ୍ୱର / ଉପ ମହାଲେଖାପାଳ, ପୁରୀ , ଓଡ଼ିଶା / ଉପ ମହାଲେଖାପାଳ (Projects), କୋରାପୁଟ , ଓଡ଼ିଶା / ସମସ୍ତ ବିଭାଗ / ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତର / ସଦସ୍ୟ, ରାଜସ୍ୱ ବୋର୍ଡ , କଟକ / ପୋଲିସ ମହାନିର୍ଦ୍ଦେଶକ, ଓଡ଼ିଶା / ସଚିବ, ଲୋକାୟୁକ୍ତ, ଓଡ଼ିଶା / ସମସ୍ତ ଅର୍ଥ ଉପଦେଷ୍ଟା / ସମସ୍ତ ସହକାରୀ ଅର୍ଥ ଉପଦେଷ୍ଟା / ସମସ୍ତ ଆର ଡି ସି / ସମସ୍ତ ଜିଲ୍ଲାପାଳ / ସମସ୍ତ ଉପ ଜିଲ୍ଲାପାଳ / ରାଜ୍ୟ କୋଷାଗାର ନିର୍ଦ୍ଦେଶକ / ସମସ୍ତ ଜିଲ୍ଲା କୋଷାଗାର, ସ୍ୱତନ୍ତ୍ର କୋଷାଗାର ଏବଂ ଉପ କୋଷାଗାର / ନିର୍ଦ୍ଦେଶକ, MDRAFM, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର / ଅଧ୍ୟକ୍ଷ, ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନ, ଭୁବନେଶ୍ୱର / ମହାନିର୍ଦ୍ଦେଶକ, ଗୋପବନ୍ଧୁ ପ୍ରଶାସନ ଏକାଡ଼େମୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

25.7.2024

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୨୭୩୩୫ /ଅ ତା ୨୫.୦୯.୨୦୨୪ ରିଖ

ଏହାର ଏକକିତା ନକଲ ସମସ୍ତ ଅଧିକାରୀ / ସମସ୍ତ ଉପ ବିଭାଗ, ଅର୍ଥ ବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

Sd/- 25.9.2024

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୨୭୩୩୬ /ଅ ତା ୨୫.୦୯.୨୦୨୪ ରିଖ

ଏହାର ଏକକିତା ନକଲ ସବ୍-ନୋଡାଲ ଅଫିସର, FID, ଅର୍ଥ ବିଭାଗଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତାଙ୍କୁ ଏହି ଅନୁରୋଧ ଯେ ସେ ଏହି କାର୍ଯ୍ୟାଳୟ ସ୍ମାରକକୁ ଅର୍ଥ ବିଭାଗର website ରେ ସମସ୍ତଙ୍କର ଅବଗତି ନିମନ୍ତେ ଅପଲୋଡ କରିବେ ।

Sd/- 25.9.2024

ଅତିରିକ୍ତ ଶାସନ ସଚିବ

**Government of Odisha**
**Finance Department**
***

No. 27334 /F, Date 26.09.2024
FIN-CS2-LV-0015-2024

## OFFICE MEMORANDUM

**Sub:- Admissibility of maternity and paternity leave to State Government employees in case of surrogacy**

Maternity leave of 180 days to female Government employees and paternity leave of 15 days to male Government employees have been extended by the State Government vide Finance Department Office Memorandum No.51856/F dt.07.12.2011 and No.51861/F dt.07.12.2011 respectively.

2. Proposal for grant of maternity and paternity leave to State Government employees in case of attainment of parenthood by surrogacy has been under active consideration of State Government for some time past.

3. Government of India, in the meantime, vide Department of Personnel and Training Notification No.G.S.R.331(E) Dated 18th June 2024, have extended maternity leave and paternity leave benefit to Central Government employees attaining parenthood by surrogacy.

4. In view of this, the State Government is now pleased to extend maternity leave and paternity leave benefit to State Government employees, attaining parenthood by surrogacy, as given below:-

i) A State Government female employee, having less than two surviving children, who becomes a 'Surrogate Mother' shall be eligible for maternity leave of 180 days. [*'Surrogate Mother' means a woman who agrees to bear a child (who is genetically related to the intending couple or intending woman) through surrogacy from the implantation of embryo in her womb and fulfils the conditions as provided in sub-clause (b) of clause (iii) of Section 4 of the Surrogacy (Regulation) Act, 2021.*]

ii) A State Government female employee, having less than two surviving children, who becomes a 'Commissioning Mother' shall be eligible for maternity leave of 180 days. [*'Commissioning mother' means a biological mother who uses her egg to create an embryo implanted in any other women.*]

iii) A State Government male employee, having less than two surviving children, who becomes a 'Commissioning Father' shall be eligible for paternity leave of 15 days within the period of 6 months from the date of delivery of the child. [*'Commissioning Father' means biological father of the child born through surrogacy.*]

Note-a: If both Surrogate Mother and Commissioning Mother, as mentioned above, are State Government employees, both will be eligible for 180 days of maternity leave each.

Note-b: Agreement on surrogacy made between Surrogate mother and Commissioning parents along with supporting medical documents from Registered Doctors/Hospitals shall be produced for claiming maternity / paternity leave.

This shall come into effect from the date of issue of this Office Memorandum.

By order of Governor

(Saswat Mishra) 25.09.2024
**Principal Secretary to Government**

Memo No. 27335 /F, Date 26.09.2024

Copy forwarded to Principal Secretary to Governor /Secretary to Chief Minister / P.S. to Minister, Finance / P.S. to Chief Secretary / P.S. to DC-cum-ACS / P.S. to Principal Secretary, Finance Department / Principal Accountant General (A&E) Odisha / Accountant General (Audit), Odisha, Bhubaneswar / Deputy Accountant General, Puri, Odisha / Deputy Accountant General (Projects) Odisha, Koraput / All Departments of Government / All Heads of Department / Member, Board of Revenue, Cuttack/ DG Police, Odisha/ Secretary, Lokayukta, Odisha / All Financial Advisers / All Assistant Financial Advisers / All RDCs / All Collectors / All Sub-Collectors / DT&I (O) / All Treasury Officers of District Treasuries, Special Treasuries and Sub-Treasuries / Director, Madhusudan Das Regional Academy of Financial Management, Chandrasekharpur, Bhubaneswar / Principal, Secretariat Training Institute, Bhubaneswar / Director General, Gopabandhu Academy of Administration, Chandrasekharpur, Bhubaneswar for information and necessary action.

Smout 25.9.2024
Additional Secretary to Government

Memo No. 27336 /F, Date 26.09.2024

Copy forwarded to All Officers /All Branches of Finance Department for information.

Smout 25.9.2024
Additional Secretary to Government

Memo No. 27337 /F, Date 26.09.2024

Copy forwarded to Portal-in-Charge, FID, Finance Department with a request to upload this Office Memorandum in the Website of Finance Department at www.finance.odisha.gov.in for general information.

Smout 25.9.2024
Additional Secretary to Government